# NATIONAL NEWS BULLETIN (ODIA)

**01 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୮ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଗୁଜୁରାଟର ପିରାନାଠାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ।

- ରେଳବାଇ ଟିକଟ ସଂରକ୍ଷଣ ବୁକିଂ କ୍ଷେତ୍ରରେ ଆଜିଠାରୁ ଲାଗୁହେଲା ନୂଆ ନିୟମ ।

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ।

ଏବଂ

- ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଟସ୍ ଜିତି ବ୍ୟାଟିଂ ଜାରି ।

## ପ୍ରେଜ୍-ଭିପି ପିଏମ୍ ଷ୍ଟେଟ୍‌ହୁଡ୍

୮ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ଆଜି ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ

ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସେହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ହେଉଛି  ଆନ୍ଧ୍ରପ୍ରଦେଶ, ଛତିଶଗଡ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀ । ଏହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶର ବିକାଶ ଯାତ୍ରାରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଲୋକମାନଙ୍କର ଉନ୍ନତି କାମନା କରିବା ସହ ସେମାନଙ୍କ ଅବଦାନକୁ ସ୍ମରଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକ, କେରଳ, ଛତିଶଗଡ, ହରିୟାଣା ଓ ମଧ୍ୟପ୍ରଦେଶର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେହିସବୁ ରାଜ୍ୟର ଜନସାଧାରଣଙ୍କ ସୁଖ ଓ ସଫଳତା କାମନା କରିଛନ୍ତି । ସେ କହିଛନ୍ତି କର୍ଣ୍ଣାଟକର ଲୋକମାନେ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ଏବଂ ଅଭିନବତାକୁ ନୂଆ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, କେରଳ ଏହାର ଆକର୍ଷଣୀୟ ପ୍ରାକୃତିକ ଶୋଭା, ପରମ୍ପରା ଏବଂ ପରିଶ୍ରମୀ ଲୋକଙ୍କ ପାଇଁ ଜଣାଶୁଣା । କେରଳର ଲୋକମାନେ ସମଗ୍ର ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି

ଛତିଶଗଡ ବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଗୌରବମୟ ଲୋକ ପରମ୍ପରା ଏବଂ ଆଦିବାସୀ ସଂସ୍କୃତିର ପ୍ରତୀକ ବହନ କରୁଥିବା

ଛତିଶଗଡ ବିକାଶ ପଥରେ ଦ୍ରୁତଗତିରେ ଅଗ୍ରଗତି କରୁଛି । ସେ କହିଛନ୍ତି ସମୃଦ୍ଧ ଐତିହାସିକ ଐତିହ୍ୟ ପାଇଁ ହରିୟାଣା ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଶ୍ରୀ ମୋଦୀ କହିଛନ୍ତି ପ୍ରାକୃତିକ ସମ୍ପଦରେ ଭରପୁର ମଧ୍ୟପ୍ରଦେଶ ବିକାଶର ନୂତନ ମାନଦଣ୍ଡ ସ୍ଥାପିତ କରିଛି ।

## ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟର ପିରାନା ଠାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ରାଜ୍ୟର ଏହି ପ୍ରଥମ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କେନ୍ଦ୍ରଟି ସରକାରୀ ଘରୋଇ ଭାଗିଦାରୀରେ ପ୍ରତିଷ୍ଠା ହୋଇଛି । ଦୈନିକ ଏକ ହଜାର ମେଟ୍ରିକ୍‌ଟନ୍ କଠିନ ବର୍ଜ୍ୟବସ୍ତୁରୁ ୧୫ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାର କ୍ଷମତା ଏହି କେନ୍ଦ୍ରର ରହିଛି । ଏହି ସମାରୋହରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ଉପସ୍ଥିତ ଥିଲେ ।

## ରେଲୱେ ଆଡଭାନ୍ସ ଟିକଟ

ରେଳବାଇ ଟିକଟ ସଂରକ୍ଷଣ ବୁକିଂ କ୍ଷେତ୍ରରେ ଆଜିଠାରୁ ନୂଆ ନିୟମ ଲାଗୁ ହୋଇଛି । ନୂଆ ନିୟମ ଅନୁଯାୟୀ ଅଗ୍ରୀମ ସଂରକ୍ଷଣ ନିମନ୍ତେ ଟିକଟ ବୁକିଂ ସମୟସୀମା ୧୨୦ ଦିନରୁ ୬୦ ଦିନକୁ ହ୍ରାସ କରାଯାଇଛି ।

ତେବେ ଗତ ଅକ୍ଟୋବର ୩୧ ସୁଦ୍ଧା ହୋଇଥିବା ସମସ୍ତ ବୁକିଂ କାର୍ଯ୍ୟକ୍ଷମ ରହିବ । ରେଳ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୬୦ ଦିନିଆ ବୁକିଂ ଦ୍ୱାରା ଟିକଟ ଅଟକାଇ ରଖିବା ହ୍ରାସ ପାଇବ ଏବଂ ଯାତ୍ରୀମାନଙ୍କୁ ଅଧିକ ସଂଖ୍ୟାରେ ଟିକଟ ମିଳିପାରିବ । ମନ୍ତ୍ରଣାଳୟ କହିଛି ୬୧ ଦିନରୁ ୧୨୦ଦିନ ପର୍ଯ୍ୟନ୍ତ ବୁକିଂ ହେଉଥିବା ଟିକଟ ଗୁଡ଼ିକ ମଧ୍ୟରୁ ୨୧ ପ୍ରତିଶତ ବାତିଲ ହେଉଥିଲା । ଅନ୍ୟପକ୍ଷରେ ବିଦେଶୀ ପର୍ଯ୍ୟଟକଙ୍କ ଲାଗି ୩୬୫ଦିନିଆ ଅଗ୍ରୀମ ଟିକଟ ବୁକିଂ ବ୍ୟବସ୍ଥା ପୂର୍ବଭଳି ବଳବତ୍ତର ରହିବ ।

## ରାଜେଶ କୁମାର ଡିଫେନ୍ସ ସେକ୍ରେଟାରୀ

୧୯୮୯ ବ୍ୟାଚ୍‌ର କେରଳ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରାଜେଶ କୁମାର ସିଂହ ଆଜି ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ୧୯୮୮ ବ୍ୟାଚ୍ ଆନ୍ଧ୍ରପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ ଗିରିଧର ଅରମାନେଙ୍କ ସ୍ଥାନରେ ଯୋଗ ଦେଇଛନ୍ତି । ଆଜି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ସିଂହ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଶ୍ରୀ ସିଂହ ଏହା ପୂର୍ବରୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଆଭ୍ୟନ୍ତରୀଣ ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ । କେନ୍ଦ୍ର ସରକାରଙ୍କ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିବା ବରିଷ୍ଠ

ଆଇଏଏସ୍ ଶ୍ରୀ ସିଂହ କେରଳର ଅର୍ଥସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ।

## ଝାଡ଼ଖଣ୍ଡ ଇଲେକ୍ସନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ଏହି ପର୍ଯ୍ୟାୟରେ ୬୩୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଆଜି ସଂଧ୍ୟା ସୁଦ୍ଧା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସଂଖ୍ୟା ଜଣାପଡିବାର ସମ୍ଭାବନା ରହିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ବିଧାନସଭା ଆସନ ଲାଗି ଚଳିତମାସ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହାପୂର୍ବରୁ ନଭେମ୍ବର ୧୩ ତାରିଖରେ ୪୩ଟି ଆସନ ପାଇଁ ମତଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ନିମନ୍ତେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୬୮୫ଜଣ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଛି । ନଭେମ୍ବର ୨୩ରେ ଭୋଟ୍‌ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ ।

## ଦେବରୟ-ଡିମାଇଜ୍

ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଡକ୍ଟର ବିବେକ ଦେବରାୟଙ୍କର ଆଜି ସକାଳେ ନୂଆଦିଲ୍ଲୀର ଏମ୍ସରେ

ଅଣସ୍ତରୀ ବର୍ଷ ବୟସରେ ପରଲୋକ ଘଟିଛି । ଗତକାଲି ରାତିରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡକ୍ଟର ଦେବରାୟ ଜଣେ ଅର୍ଥନୀତିଜ୍ଞ ଥିଲେ ଏବଂ ସେ ରାମକୃଷ୍ଣ ମିଶନ ସ୍କୁଲ, କୋଲକାତାର ପ୍ରେସିଡେନ୍‌ସି କଲେଜ, ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିସ ଏବଂ କେମ୍ବ୍ରିଜର ଟ୍ରିନିଟି କଲେଜରେ ଶିକ୍ଷାଲାଭ କରିଥିଲେ । ସେ ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟ କରିଥିଲେ ।

ଡକ୍ଟର ଦେବରାୟଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଡକ୍ଟର ଦେବରାୟ ଜଣେ ମହାନ ଅର୍ଥନୀତିଜ୍ଞ ଥିଲେ ଏବଂ ଇତିହାସ, ସଂସ୍କୃତି, ରାଜନୀତି ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ତାଙ୍କର ଅମାପ ଜ୍ଞାନ ଥିଲା ।

ଡକ୍ଟର ଦେବରାୟଙ୍କ ଅବଦାନକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନିଜର କାର୍ଯ୍ୟପାଇଁ ସେ ସ୍ମରଣୀୟ ହୋଇ ରହିବେ ।

# ଆର୍ମୀ-ଗରୁଡ ଶକ୍ତି

ଭାରତ-ଇଣ୍ଡୋନେସିଆ ମିଳିତ ସ୍ୱତନ୍ତ୍ର ବଳ ଅଭ୍ୟାସ କାର୍ଯ୍ୟକ୍ରମ ଗରୁଡଶକ୍ତି ୨୪ର ନବମ ସଂସ୍କରଣରେ ଭାଗ ନେବାଲାଗି ଭାରତୀୟ ସେନାର ୨୫ଜଣିଆ ଜବାନଙ୍କ ଏକ ଦଳ ଆଜି ଜାକର୍ତ୍ତା ଯାତ୍ରାକ ରିଛନ୍ତି । ଆଜିଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଅଭ୍ୟାସ ଚାଲିବ । ଭାରତୀୟ

ଦଳରେ ପାରାସୁଟ୍ ରେଜିମେଣ୍ଟର ଜବାନମାନେ ପ୍ରତିନିଧିତ୍ୱ କରୁଥିବାବେଳେ ଇଣ୍ଡୋନେସିଆ ଦଳରେ ୪୦ଜଣ ଜବାନ ରହିଛନ୍ତି ।

ଏହି ସମରାଭ୍ୟାସର ଉଦ୍ଦେଶ୍ୟ ହେଉଛି ଉଭୟପକ୍ଷ ମଧ୍ୟରେ ପରିଚାଳନାଗତ ପ୍ରକ୍ରିୟା ସମ୍ପର୍କରେ ଜ୍ଞାନ ଆହରଣ କରିବା ଏବଂ ଉଭୟ ଦେଶର ସେନା ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି କରିବା । ଦ୍ୱିପାକ୍ଷିକ ସାମରିକ ସହଯୋଗ କ୍ଷେତ୍ରରେ ଉଭୟ ସେନା ମଧ୍ୟରେ ସମ୍ପର୍କ ଦୃଢ଼ କରିବା ଲକ୍ଷ୍ୟରେ ଏହି ଅଭ୍ୟାସ କରାଯାଉଛି । ଅଭ୍ୟାସ ସମୟରେ ଜଙ୍ଗଲ ଅଞ୍ଚଳରେ କିଭଳି ମୁକାବିଲା କରାଯାଇପାରିବ ଏବଂ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରାଯିବ ସେ ନେଇ ସ୍ୱତନ୍ତ୍ର ଭାବେ ଉଭୟ ଦେଶର ଜୀବନଶୈଳୀ ଏବଂ ସଂସ୍କୃତି ବିଷୟରେ ଶିକ୍ଷା ଦିଆଯିବ ।

## ଦିଲ୍ଲୀ-ଫାୟାର କଲ

ଚଳିତବର୍ଷ ଦୀପାବଳିରେ ଦିଲ୍ଲୀ ଅଗ୍ନିଶମ ବିଭାଗ ବହୁସଂଖ୍ୟକ ଜରୁରୀକାଳୀନ ଫୋନ୍ କଲ୍ ପାଇଥିବା ଜଣାପଡିଛି । ଗତ ୧୦ ବର୍ଷ ମଧ୍ୟରେ ଏହା ସର୍ବାଧିକ ବୋଲି ସୂଚନା ମିଳିଛି । ଦିଲ୍ଲୀ ଅଗ୍ନିଶମ ବିଭାଗର ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି ଗତକାଲି ସଂଧ୍ୟା ୫ଟାରୁ ଆଜି ସକାଳ ୫ଟା ମଧ୍ୟରେ ୩୦୦ରୁ ଅଧିକ କଲ୍ ଗ୍ରହଣ କରାଯାଇଛି । ସେ କହିଛନ୍ତି

ଦୀପାବଳୀରେ ଅଘଟଣ ଯୋଗୁଁ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟକୌଣସି ଅଘଟଣ ଘଟିନାହିଁ ।

## ୟୁଏସ୍-ପୋଲ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଚଳିତମାସ ୫ ତାରିଖରେ ହେବ । ଏହାପୂର୍ବରୁ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢୁଥିବା ଡେମୋକ୍ରାଟିକ ପ୍ରାର୍ଥୀ କମଳା ହାରିସ୍ ଏବଂ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର କରିଛନ୍ତି । ନିର୍ବାଚନ ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ । ଅଧିକାଂଶ ସର୍ଭେରେ କମଳା ହାରିସ୍, ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଆଗରେ ରହିଥିବା ଜଣାପଡିଛି । ଏବେ ରାଷ୍ଟ୍ରପତି ଥିବା ଜୋ ବାଇଡେନ୍ ପୁର୍ନବାର ରାଷ୍ଟ୍ରପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମନା କରିବା ପରେ କମଳା ହାରିସ୍‌ଙ୍କୁ ପ୍ରାର୍ଥୀ ଭାବେ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୬୧ନିୟୁତ ଆମେରିକୀୟ ମତଦାନ କରିସାରିଥିବା ଜଣାପଡିଛି ।

## ହିଜ୍‌ବୁଲ-ଆଟାକ

ଇସ୍ରାଏଲର ଉତ୍ତରଭାଗରେ ହିଜ୍‌ବୁଲ୍ଲା ପକ୍ଷରୁ ୨ଟି ରକେଟ୍ ଆକ୍ରମଣରେ ୭ଜଣଙ୍କ ମୃତ୍ୟୁ ଘଟିଛି । ଇସ୍ରାଏଲର ସରକାରୀ ଗଣମାଧ୍ୟମ ସୂଚନା

ଅନୁଯାୟୀ ମେଟୁଲା ଏବଂ ହାଇଫାରେ ଥିବା ଚାଷ ଜମି ଉପରେ ଏହି ଆକ୍ରମଣ କରାଯାଇଥିଲା । ଏଥିରେ ୪ଜଣ ଥାଇଲାଣ୍ଡର ଶ୍ରମିକ ଏବଂ ଜଣେ ଇସ୍ରାଏଲ କୃଷକଙ୍କ ମୃତ୍ୟୁ ଘଟିଛି । ପରେ ଉତ୍ତର ଇସ୍ରାଏଲର ବନ୍ଦର ସହର ହାଇଫାର ଏକ ଉପାନ୍ତ ଅଞ୍ଚଳରେ ୨୫ଟି ରକେଟ୍ ମାଡ଼ କରାଯାଇଥିଲା । ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି । ତେବେ ହିଜ୍‌ବୁଲ୍ଲା ଏହି ଆକ୍ରମଣ ପାଇଁ ନିଜକୁ ଦାୟି କରିନଥିବାବେଳେ ଲେବାନନ୍‌ରୁ ୯୦ଟି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିବା ଇସ୍ରାଏଲ ସେନା କହିଛି ।

## ଏଲ୍‌ପିଜି ପ୍ରାଇସ ହାଇ

ଦେଶର ମେଟ୍ରୋ ସହର ଗୁଡ଼ିକରେ ବାଣିଜ୍ୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଦର ୬୨ଟଙ୍କା ବୃଦ୍ଧି ପାଇଛି । ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ଘୋଷଣା କରାଯାଇଥିବା ସଂଶୋଧିତ ଦର ଆଜିଠାରୁ ଲାଗୁ ହୋଇଛି । ଏହି ବୃଦ୍ଧି ଫଳରେ ଦିଲ୍ଲୀରେ ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ଖୁଚୁରା ବିକ୍ରି ମୂଲ୍ୟ ୧୭୪୦ ଟଙ୍କାରୁ ୧୮୦୨ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ୫ କିଲୋଗ୍ରାମ ବିଶିଷ୍ଟ ଏଫ୍.ଟି.ଏଲ୍ ସିଲିଣ୍ଡରର ମୂଲ୍ୟ ୧୫ ଟଙ୍କା ବୃଦ୍ଧି ପାଇଥିବାବେଳେ ୧୪ ଦଶମିକ ୨ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ଘଟିନାହିଁ ।

## ସ୍ପେନ୍ ଡେଥ୍ ଟୋଲ

ସ୍ପେନ୍‌ରେ ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୧୫୮କୁ ବୃଦ୍ଧି ପାଇଛି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ ଲୋକ ନିଖୋଜ ଥିବା ଜଣାପଡିଛି । ୮ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଭାଲେନ୍ସିଆ ଏବଂ ମାଲାଗା ଭଳି ସହରରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଯେଉଁଥିରେ ଘର ଏବଂ କାର୍‌ଗୁଡ଼ିକ ଭାସିଯାଇଥିଲା । ସ୍ପେନ୍‌ର ପାଣିପାଗ ବିଭାଗର ସୂଚନା ଅନୁଯାୟୀ ସେଠାରେ ପ୍ରବଳ ବର୍ଷା ହେବାନେଇ ସତର୍କତା ଜାରି କରାଯାଇଛି । ସ୍ପେନ୍ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି ।

## କ୍ରିକେଟ : ଇଣ୍ଡିଆ-ନ୍ୟୁଜିଲାଣ୍ଡ

ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ନ୍ୟୁଜିଲାଣ୍ଡ ୫୦ ଓଭର ସୁଦ୍ଧା ୫ଟି ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଛି । ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଦୁଇଟି ଟେଷ୍ଟମ୍ୟାଚ୍‌ରେ ବିଜୟଲାଭ କରି ସିରିଜ୍ ବିଜୟୀ

ହୋଇସାରିଛି । ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓ ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଛି ।